# ପିଲାଙ୍କ ଧରିତ୍ରୀ

ଶନିବାର , ୭ ମେ, ୨୦୨୨



୭ କହିଲ ଦେଖି

୭ ଜଣା ଅଜଣା

୮ ଆଇନା

# ଗପ
# ଈଶ୍ୱର ଅଛନ୍ତି

ଜଣେ ମେଜରଙ୍କ ନେତୃତ୍ୱରେ ୧୫ ଜଣ ସୈନିକ ପ୍ରଶିକ୍ଷଣ ନିମନ୍ତେ ହିମାଳୟର ପାହାଡ଼ିଆ ରାସ୍ତାରେ ଯାଉଥା'ନ୍ତି। ଶୀତ ରାତି। ମେଜର ଭାବିଲେ– ଏଠି ଯଦି ଚା' କପେ କପେ ମିଳିଯାଆନ୍ତା ଆଗକୁ ଯିବା ପାଇଁ ତାକତ ମିଳନ୍ତା। ଚାରିପଟକୁ ଚାହିଁ ଦେଖିଲେ, ଆଖପାଖରେ କୌଣସି ଜନବସତି ନାହିଁ। ଘଣ୍ଟାଏ ପାହାଡ଼ ଚଢ଼ିବା ପରେ ଗୋଟେ ଭଙ୍ଗା ଦଦରା ଚା' ଦୋକାନ ଦେଖିଲେ ; ହେଲେ ଦୋକାନରେ ତାଲା ପଡ଼ିଥାଏ।

ସୈନିକମାନଙ୍କ ଆଗ୍ରହରେ ମେଜର ଦୋକାନର ତାଲା ଭାଙ୍ଗିବାକୁ ରାଜି ହେଲେ। ଭିତରେ ଚା' ତିଆରି କରିବା ଲାଗି ସବୁ ଜିନିଷ ମିଳିଗଲା। ସମସ୍ତେ ମିଳିମିଶି ଚା' ତିଆରି କରି ପିଇଲେ। କାଚ ଜାରରେ ଥିବା ବିସ୍କୁଟ ଖାଇଲେ। ମେଜର ନିଜ ପର୍ସରୁ ୨୦୦୦ ଟଙ୍କାର ନୋଟ ବାହାର କରି ଚିନି ଡବା ତଳେ ରଖି ଦୋକାନକୁ ଠିକ୍‌ଭାବେ ବନ୍ଦ କରି ସୈନିକଙ୍କ ସହିତ ଆଗକୁ ବଢ଼ିଲେ।



ଦୀର୍ଘ ୩ ମାସର ପ୍ରଶିକ୍ଷଣ ସମାପ୍ତ କରି ମେଜରଙ୍କ ସମେତ ୧୫ ଜଣ ସୈନିକ ସକୁଶଳ ସେଇ ରାସ୍ତାରେ ଫେରୁଥା'ନ୍ତି। ପୂର୍ବୋକ୍ତ ଚା' ଦୋକାନ ଖୋଲା ଥିବା ଦେଖି ସମସ୍ତେ ସେଇଠାରେ ବିଶ୍ରାମ ନେବା ଲାଗି ଅଟକିଲେ। ବୃଦ୍ଧ ଦୋକାନୀଜଣକ ଏକସଙ୍ଗେ ଏତେଜଣ ଗ୍ରାହକଙ୍କୁ ଦେଖି ଖୁସି ମନରେ ସମସ୍ତଙ୍କ ପାଇଁ ଚା' ତିଆରି କରିବାକୁ ଲାଗିଲେ।

ସେମାନଙ୍କ ମଧ୍ୟରୁ ଜଣେ ସୈନିକ ଦୋକାନୀଙ୍କୁ ପଚାରିଲେ– ''ମଉସା ! ଆପଣ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି ?'' – ''ହଁ ବାବୁ, ସେ ନଥିଲେ ଦୁନିଆ ଅଚଳ ହୋଇଯିବ''। ଦୋକାନୀ ସ୍ୱାଭାବିକ ଭାବରେ କହିଲେ।

– ''ଯଦି ଈଶ୍ୱର ଅଛନ୍ତି, ତା'ହେଲେ ତୁମେ କ'ଣ ପାଇଁ ଏଭଳି ଦରିଦ୍ର ହୋଇ ଦିନ କାଟୁଛ ? ଈଶ୍ୱର ତ ତୁମକୁ ଧନୀ କରିଦିଅନ୍ତେ।'' ସୈନିକ ପୁଣିଥରେ ଦୋକାନୀଙ୍କୁ ପଚାରିଲେ।

– ''ନା ବାବୁ, ଈଶ୍ୱରଙ୍କ ବିଷୟରେ ସେଭଳି ଭାବିବା ମହାପାପ। କେତେବଡ଼ ସଂସାରକୁ ସେ ଚଳାଉଛନ୍ତି। ଯାହାର ଯେତେବେଳେ ଆବଶ୍ୟକ ତାକୁ ସାହାଯ୍ୟ କରୁଛନ୍ତି। ଈଶ୍ୱର ଅଛନ୍ତି ବାବୁ। ମୁଁ ଈଶ୍ୱରଙ୍କୁ ଦେଖିଛି।'' ଦୋକାନୀର ଶେଷ ବାକ୍ୟ ଶୁଣି ଉପସ୍ଥିତ ସମସ୍ତ ସୈନିକଙ୍କ ସମେତ ମେଜର ମଧ୍ୟ କୌତୂହଳପୂର୍ଣ୍ଣ ଆଖିରେ ଚାହିଁ ରହିଲେ।

ଦୋକାନୀ ପୁଣି କହିଲା– ''ବାବୁ! ମୁଁ ବହୁତ ଅସୁବିଧାରେ ପଡ଼ିଯାଇଥିଲି। ଦିନେ ଆତଙ୍କବାଦୀମାନେ ମୋ ପୁଅକୁ କ୍ଷତାକ୍ତ କରି ରାସ୍ତାରେ ଫିଙ୍ଗି ଦେଇଥିଲେ। ମୁଁ ଦୋକାନ ବନ୍ଦ କରି ତାକୁ ସରକାରୀ ହସ୍ପିଟାଲ ନେଇଗଲି। କିନ୍ତୁ ଔଷଧ କିଣିବାକୁ ପାଖରେ ଗୋଟେ ବି ଟଙ୍କା ନଥାଏ। ଆତଙ୍କବାଦୀଙ୍କ ଭୟରେ ମୋତେ କେହି ବି ଉଧାର ଦେଉ ନ ଥା'ନ୍ତି। ସେଦିନ ରାତିରେ ମୁଁ ମନଭରି କାନ୍ଦି କାନ୍ଦି ଈଶ୍ୱରଙ୍କୁ ସବୁ ଜଣାଇଲି। ସତ କହୁଛି ବାବୁମାନେ, ସେଦିନ ରାତିରେ ସ୍ୱୟଂ ଈଶ୍ୱର ମୋ ଚା' ଦୋକାନକୁ ଆସିଥିଲେ। ସକାଳେ ଦୋକାନରେ ପହଞ୍ଚି ଦେଖିଲି ତାଲା ଭଙ୍ଗା ହୋଇଛି। ମନେମନେ ଭାବୁଥାଏ ମୋ ପାଖରେ ଯାହା କିଛି ସମ୍ବଳ ଥିଲା ସେତକ ବି ଚାଲିଗଲା। ଦୋକାନ ଭିତରକୁ ଯାଇ ଦେଖେ ତ ୨୦୦୦ ଟଙ୍କାର ନୋଟ ଚିନି ଡବା ତଳେ ଥୁଆ ହୋଇଛି। ସେଦିନ ସେଇ ୨୦୦୦ ଟଙ୍କା ମୋ ପାଇଁ କେତେ ଯେ ଅମୂଲ ମୂଲ ଥିଲା ତାହା ମୁଁ କହିପାରୁନି।'' ଭାବୁକତାବଶତଃ ଦୋକାନୀ ଆଖିରେ ଲୁହ ଛଳଛଳ ହେଉଥାଏ।

ସମସ୍ତେ ମେଜରଙ୍କୁ ଅନାଇଥା'ନ୍ତି। ତାଙ୍କ ଆଖିର ଇସାରାରେ ସ୍ପଷ୍ଟ ଆଦେଶ ଥାଏ– ''ଦୋକାନୀକୁ କିଛି ନ ଜଣାଇ ସମସ୍ତେ ଚୁପ ରୁହ।'' ମେଜର ଛିଡ଼ାହେଲେ। ଚା' ପଇସା ଦୋକାନୀକୁ ଦେଇ କହିଲେ– ''ଆପଣ ଠିକ୍ କହିଛନ୍ତି, ଈଶ୍ୱର ଅଛନ୍ତି। ଈଶ୍ୱର ନ ଥିଲେ ଆପଣ ସେଦିନ ଏତେବଡ଼ ଦୁର୍ଦ୍ଦିନକୁ ସାମ୍ନା କରିଥାନ୍ତେ କିପରି ?''

ସେଦିନ ପ୍ରଥମଥର ମେଜରଙ୍କ ଆଖି ଛଳଛଳ ହୋଇଯାଇଥିଲା।

***–ସୁଧାଂଶୁ ଶେଖର ଦ୍ୱିବେଦୀ***

*ବିସି–୭୪, ସଲ୍ଟ ଲେକ, କୋଲକାତା–୬୪*

*ମୋ–୯୬୮୧୩୭୩୫୧୨*

# ଖିଲି ଖିଲି ହସ

**ଶିକ୍ଷକ:** ଆଚ୍ଛା ରାଜୁ, ମୁଁ ତତେ ଯାହା ପଚାରିବି ତୁ ତାକୁ ଠିକ୍ କରି କହିବୁ । କହିଲୁ– ରାମ ଆଣ୍ଡ ସୀତା ଇଜ୍ ଗୋଇଙ୍ଗ୍ ଟୁ ସ୍କୁଲ୍।

**ରାଜୁ:** ସାର୍! ଏତେ ସହଜ ପ୍ରଶ୍ନ। ଏଟା ତ ସମସ୍ତେ କହିଦେବେ।

**ଶିକ୍ଷକ:** ହଉ ! ତୁ ଏବେ ଠିକ୍‌ଟା କହ।

**ରାଜୁ:** ସୀତା ଆଣ୍ଡ ରାମ ଇଜ୍ ଗୋଇଙ୍ଗ୍ ଟୁ ସ୍କୁଲ୍।

ଶିକ୍ଷକ (ଆଶ୍ଚର୍ଯ୍ୟରେ)– ଆରେ କେମିତି ?

**ରାଜୁ:** ସାର୍ ଲେଡିଜ୍ ଫାଷ୍ଟ ନା...ସେଥିପାଇଁ।

**(ରାମ ଓ ଦାମ ଦୁଇଜଣଯାକ ଗୋଟିଏ ଶ୍ରେଣୀରେ ଦୁଇଥର ଫେଲ୍ ହୋଇଗଲେ)**

**ରାମ:** ଚାଲ୍ ସାଙ୍ଗ ଆମେ ଦୁଇ ଜଣଯାକ ଆତ୍ମହତ୍ୟା କରିଦେବା।

**ଦାମ:** ତୁ ପାଗଳ ହୋଇଗଲୁ କି! ଆଉ ଥରେ ଜନ୍ମ ହୋଇକି କ'ଣ ଜୁନିଅର କେ.ଜି.ରୁ ଆରମ୍ଭ କରିବା ନା କ'ଣ !

**(ବାପା–ପୁଅ ମଧ୍ୟରେ କଥାବାର୍ତ୍ତା)**

**ବାପା:** ତୁ ଆଜିକାଲି ଆଉ କିଛି ପାଠ ପଢୁନୁ କି ? ତୋ ସ୍କୁଲରୁ ଅଭିଯୋଗ ଆସିଛି। ଶିକ୍ଷକ ପଚାରୁଥିବା ପ୍ରଶ୍ନର କୌଣସି ଉତ୍ତର ବି ଦଉନୁ।

**ପୁଅ:** ମୋର କ'ଣ ଭୁଲ୍ ଯେ। ତମେ ତ କହିଥିଲ, ''ବଡ଼ଲୋକଙ୍କ ମୁହଁରେ କେବେ ବି ଉତ୍ତର ଦବୁନି।'' ମୁଁ ସେଥିପାଇଁ ସାର୍ ପଚାରୁଥିବା ପ୍ରଶ୍ନର କୌଣସି ଉତ୍ତର ଦିଏନି।

# ମତାମତ

❖ ନିମ କଢି ସତରେ ଦେହ ପାଇଁ ଉପକାରୀ, ଲେଖାଟି ଭଲ ଲାଗିଲା

**– ସୌମ୍ୟ ରଞ୍ଜନ ପଣ୍ଡା, କ୍ରୀଡାଶ ପୁର, ନୟାଗଡ଼**

❖ ପ୍ରତି ପୃଷ୍ଠାର ଲେଆଉଟ୍ ଡିଜାଇନ୍‌ଗୁଡ଼ିକ ସବୁବେଳେ ଆକର୍ଷଣୀୟ ଲାଗୁଛି।

**– ବିଦିଶା ମହାନ୍ତ, ଘଟଗାଁ, କେନ୍ଦୁଝର**

❖ ଏଥରର 'ତୁମ ତୂଳୀରେ' ସ୍ତମ୍ଭରେ ପ୍ରକାଶିତ ଚିତ୍ରଗୁଡ଼ିକ ସବୁ ଭଲ ଲାଗୁଥିଲା।

**–ପ୍ରେମାନନ୍ଦ ବରାଡ଼, ଝାଞ୍ଜିରିମଙ୍ଗଳା, କଟକ**

❖ 'କବିତା' ସ୍ତମ୍ଭରେ ପ୍ରକାଶ ପାଉଥିବା କବିତାଗୁଡ଼ିକ ଛୋଟ ଥିବାରୁ ପଢ଼ିବାକୁ ଭଲ ଲାଗୁଛି।

**–ରାଣୀ ଶର୍ମା, ପାରଳାଖେମୁଣ୍ଡି, ଗଜପତି**

❖ 'ଖିଲିଖିଲି ହସ' ସ୍ତମ୍ଭଟି ପଢ଼ିବାକୁ ସବୁବେଳେ ଭଲ ଲାଗୁଛି। ଅଧିକ ଦେବାକୁ ଅନୁରୋଧ।

**– ପବିତ୍ର ବେହେରା, ବୁର୍ଲା, ସମ୍ବଲପୁର**



## ରଙ୍ଗ ଦିଅ

ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟି(ହାଇ ରିଜଲ୍ୟୁସନ୍ ଥିବା)ର ୩ ଫଟୋ ସହ ପୁରା ନାମ, ବୟସ, ଠିକଣା ; ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**

dharitrifeature@gmail.com

## ଚଗଲା ଭୀମୁ



**ମା'! ସେ ତ ଅନନ୍ତ, ଅସୀମ ଆଉ ତା' କଥା ଓ କାହାଣୀ ଅସରା ଅଧ୍ୟାୟ। ସେ ହିଁ ଶିଶୁର ପ୍ରଥମ ପ୍ରେମ, ପ୍ରଥମ ପ୍ରାଣ, ପ୍ରଥମ ସ୍ପର୍ଶ, ପ୍ରଥମ ସ୍ମୃତି, ପ୍ରଥମ ଅନୁଭବ ଆଉ ପ୍ରଥମ ଅନୁଭୂତି। 'ମଦର୍ସ ଡେ' ଯେ ମା' ପାଇଁ କେବଳ ଗୋଟିଏ ଦିନ ତା'ନୁହେଁ, ବରଂ ପ୍ରତିଟି ମୁହୂର୍ତ୍ତ କେବଳ ମା' ପାଇଁ ହିଁ ଉତ୍ସର୍ଗ ...**



କଥାରେ ଅଛି "ବାପା ଥିଲେ ପୁଅ ସଭାରେ ହାରେନା, ମା'ଥିଲେ ପୁଅ ଦୁନିଆ ଡରେନା।" ଶିଶୁଟିଏ ଦୁନିଆକୁ ଆସିବା ମାତ୍ରେ ଯାହା ଦେହର ସ୍ପର୍ଶ ପାଏ, ସେ ମା'। ତା' ମୁହଁରୁ ପ୍ରଥମେ ଯେଉଁ ଶବ୍ଦ ବାହାରେ, ତାହା ମା'। ଆଉ ଯାହା ଦେହ ବାସ୍ନାରେ ସେ ବିଭୋର ହୁଏ, ସେ ବି ମା'। ଖାଲି ଯେ ସେ ଗର୍ଭଧାରଣୀ ତା' ନୁହେଁ ବରଂ ସେ ଶିଶୁଟିଏର ଶୁଭାକାଂକ୍ଷୀ, ଲାଳନପାଳନକର୍ତ୍ତ୍ରୀ। ଶିଶୁକୁ ସେ ଅଭୟ ପ୍ରଦାନ କରେ, ଆଶୀର୍ବାଦ ଦିଏ ଆଉ ଆଖିବୁଜି ତା'ର ସବୁ ଅଳିଅଝଟ ବି ସହିଯାଏ। ଦୁନିଆର ସବୁଠୁ ନିରାପଦ ଆଉ ସୁରକ୍ଷିତ ଜାଗା ଯଦି କ'ଣ ଥାଏ, ତାହା ହେଉଛି ମା'ର ପଣତକାନି। ଆସନ୍ତା କାଲି ମଦର୍ସ ଡେ' ଉପଲକ୍ଷେ ମା'ଙ୍କ ପ୍ରତି ପିଲାମାନଙ୍କ ମନରେ ଥିବା ଭାବନା ସମ୍ପର୍କରେ ଏଥରର ଉପସ୍ଥାପନା...

# ମା' ପାଇଁ ପଦେ...

## ସବୁ କଥା ମା'ଙ୍କୁ ପଚାରେ...



ପ୍ରତ୍ୟେକ କାର୍ଯ୍ୟ କରିବା ପୂର୍ବରୁ ମା'ଙ୍କୁ ଥରଟିଏ ପଚାରିନିଏ। କାରଣ ସେ ହିଁ ମୋତେ ସଦା ସର୍ବଦା ଠିକ୍ ରାସ୍ତା ଦେଖାନ୍ତି। ପାଖରେ ଥିଲେ ତ ସବୁ କଥା ପଚାରେ, ହେଲେ ସ୍କୁଲରେ କିମ୍ବା ବାହାରେ ଥିବା ବେଳେ କୌଣସି କାର୍ଯ୍ୟ ଲାଗି ତାଙ୍କ ଠାରୁ ପରାମର୍ଶ ନ ନେଇ ପାରିଲେ ବହୁତ ମନ ଦୁଃଖ ହୁଏ। ସେଥିପାଇଁ ବେଳେବେଳେ ଦ୍ୱନ୍ଦ୍ୱରେ ପଡ଼ିଯାଏ, କାର୍ଯ୍ୟଟି କରିବି କି ନାହିଁ। ତେଣୁ ମୋ ମା' ମୋ ପାଖେ ସବୁବେଳେ ଥିଲେ ଖୁସି।

**-ଅର୍ଚ୍ଚିତା ମହାପାତ୍ର**, କ୍ଲାସ-୮,
ବରାଳ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବରାଳ, ପୁରୀ

## ମା' ମୋ ବେଷ୍ଟ ଫ୍ରେଣ୍ଡ ...



ଦିନଯାକ ମୋ ସହ ଘଟୁଥିବା ପ୍ରତିଟି ଜିନିଷକୁ ମା' ଆଗରେ ନ କହିଲେ ମୋତେ ଶାନ୍ତି ଲାଗେନି। ସବୁ କଥା ତା' ସହ ଶେୟାର୍ କରେ। ବେଳେବେଳେ ଗପି ଗପି ଆମେ ଅନେକ ହସୁ। ମନ ଯଦି କେତେବେଳେ ଦୁଃଖଥାଏ କି କୌଣସି ପରିସ୍ଥିତି ପାଇଁ ଭାଙ୍ଗି ପଡ଼ିଥାଏ, ତେବେ ସେ ମିଠା ମିଠା ଦୁଇ ପଦ କଥା କହି ମୋ ମନକୁ ପୂରା ହାଲୁକା କରିଦିଏ। ମୋ ପାଖରେ ସେ ସବୁବେଳେ ଥାଏ ଆଉ ମୋର ସବୁ କଥା ଶୁଣେ, ତେଣୁ ମା' ମୋ ବେଷ୍ଟ ଫ୍ରେଣ୍ଡ୍।

**-ଐଶ୍ୱର୍ଯ୍ୟ ଆଭୂଷଣ**, କ୍ଲାସ-୯, ଦଶପଲ୍ଲା ଉଚ୍ଚ ବିଦ୍ୟାଳୟ, ଦଶପଲ୍ଲା, ନୟାଗଡ଼

## ଜୀବନଠୁ ଅଧିକ ଭଲପାଏ ମା'କୁ...



ମା' ମୋ ପାଇଁ ସବୁକିଛି। ସକାଳ ଉଠିବାଠାରୁ ଆରମ୍ଭ କରି ରାତିରେ ଶୋଇବା ପର୍ଯ୍ୟନ୍ତ ସେ ମୋର ପ୍ରତିଟି କଥା ବୁଝିଥାଏ। ବେଳେବେଳେ ତା' ଉପରେ ଅଭିମାନ କରେ ଆଉ ତା' ପାଖେ ଛୋଟ ଛୋଟ ଜିନିଷ ପାଇଁ ଖୁବ୍ ଜିଦ୍ ବି କରେ। ହେଲେ, ସେ ମୋର କୌଣସି କଥାକୁ ନ ଧରି ସବୁ ଅଳିଅଝଟ ସହିଯାଏ। ମନକଥା ବୁଝିପାରି ଚାହୁଁଥିବା ଜିନିଷ କହିବା ଆଗରୁ ହିଁ ସେ ମୋ ପାଖେ ପହଞ୍ଚାଇଦିଏ। କହିବାକୁ ଗଲେ, ସବୁଠୁ ଅଧିକ ମୁଁ ମୋ ମା'କୁ ହିଁ ଭଲପାଏ।

**-ରୂପାଲୀ ସାହୁ**
କ୍ଲାସ-୯, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବାଙ୍କୀ, କଟକ

## ମା'କୁ ଛାଡ଼ି ରହିପାରେନା...



ବାହାରେ ବୁଲିବା ହେଉ କି କୌଣସି ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଘରକୁ ଯିବାକୁ ଭଲ ଲାଗେ ସତ, ହେଲେ ମା' କିନ୍ତୁ ସାଥିରେ ଥିବେ। ମା'ଙ୍କ ବିନା କେଉଁଆଡେ ଏକା ଯିବାକୁ ଭଲ ଲାଗେନି। ଥରେ ମା'ଙ୍କୁ ଛାଡ଼ି ମାମୁଘରକୁ ଦୁଇ ଦିନ ପାଇଁ ବୁଲିବାକୁ ଯାଇଥିଲି। ହେଲେ ମା'ଙ୍କ କଥା ମନେ ପଡ଼ିବାରୁ ଗୋଟେ ଦିନ ପରେ ଘରକୁ ପଳାଇ ଆସିଲି। ଏବେ ଯୁଆଡ଼େ ବି ଯାଏ ମା'ଙ୍କୁ ସାଙ୍ଗରେ ନେଇ ଯାଏ। ସ୍କୁଲରେ କୌଣସି ଫଙ୍କସନ୍ ହେଉ ଅବା ବାହାରେ କୌଣସି କମ୍ପିଟିଶନ୍ ସବୁବେଳେ ମା' ସାଙ୍ଗରେ ଥାଆନ୍ତି।

**-କ୍ଷୀରାବ୍ଧିତନୟା ଶୁକ୍ଳା**,
କ୍ଲାସ-୮, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବାଲିଗୁଡ଼ା

## ମା' ମୋର ପ୍ରଥମ ଗୁରୁ...



ମା'କୁ ମୁଁ ବହୁତ ଭଲପାଏ। ପାଠ ପଢ଼ାଠାରୁ ଆରମ୍ଭ କରି କୌଣସି ପ୍ରତିଯୋଗିତାରେ ଭାଗ ନେବା ପର୍ଯ୍ୟନ୍ତ ସବୁବେଳେ ସେ ମୋ ପାଖରେ ରହି ଗାଇଡ୍ କରୁଥାଏ କୋଉଟା କରିବା ଉଚିତ୍ ଏବଂ ଅନୁଚିତ୍। ମୋ ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ସେ ଭାରି ସଜାଗ। ବାହାରେ ବେଶି ବୁଲାବୁଲି ନ କରିବା, ବାହାର ଖାଦ୍ୟ ନ ଖାଇବା, ଖରାପ ଲୋକଙ୍କ ସହ ନ ମିଶିବା ଆଦି ଉପରେ ସେ ମୋତେ ସବୁବେଳେ ସଠିକ୍ ରାସ୍ତା ଦେଖାଏ। ସେଥିପାଇଁ ସେ ହିଁ କେବଳ ମୋର ପ୍ରଥମ ଗୁରୁ।

**- ତୃପ୍ତିମୟୀ ବେହେରା**, କ୍ଲାସ-୯, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସତ୍ୟବାଦୀ, ପୁରୀ



**ଉପସ୍ଥାପନା-ମୋନାଲୀ ସାହୁ**



୧



୨



୩



୪



୫



୬



୭




୮




୯




୧୦

୧
**ଆୟୁଷ୍ମାନ୍ ମହାନ୍ତି**
କ୍ଲାସ- ୪, ଷ୍ଟିୱାର୍ଟ ସ୍କୁଲ, ୟୁନିଟ୍ -୮, ଭୁବନେଶ୍ୱର



୨
**ଶୁଭସ୍ମିତା ମହାନ୍ତି**
କ୍ଲାସ- ୧୦, ଡିବି ସରକାରୀ ବାଳିକା ବିଦ୍ୟାଳୟ, ଭଞ୍ଜନଗର, ଗଞ୍ଜାମ



୩
**ଆନ୍‌ସୀ ପଟ୍ଟନାୟକ**
କ୍ଲାସ-୪, ଷ୍ଟିୱାର୍ଟ ସ୍କୁଲ, ୟୁନିଟ୍-୮, ଭୁବନେଶ୍ୱର



୪
**ଆଦ୍ୟାଶା ଦାଶ**
କ୍ଲାସ- ୭, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବରମୁଣ୍ଡା, ଭୁବନେଶ୍ୱର



୫
**ଦେବରାଜ ମହାନ୍ତି**
କ୍ଲାସ-୬, ଓଡିଶା ଆଦର୍ଶ ବିଦ୍ୟାଳୟ, ମଝିଗାଁ, ଚାନ୍ଦବାଲି, ଭଦ୍ରକ



୬
**ଦୀକ୍ଷା ଦେବାଂଶୀ ବରାଳ**
କ୍ଲାସ- ୪, କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧, ଭୁବନେଶ୍ୱର



୭
**ଅନନ୍ୟା ମହାନ୍ତି**
କ୍ଲାସ-୫, ସାଇ ଅନନ୍ତ ଇଣ୍ଟରନ୍ୟାସନାଲ୍ ସ୍କୁଲ୍, ଧାମରା, ଭଦ୍ରକ



୮
**ସୁବ୍ରାଚି ପତି**
କ୍ଲାସ- ୩, କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧, ଭୁବନେଶ୍ୱର



୯
**ଦେବାଂଶୀ ରାଜଗୁରୁ**
କ୍ଲାସ-୪, କେନ୍ଦ୍ରୀୟ ବିଦ୍ୟାଳୟ, ପୁରୀ



୧୦
**ସ୍ମୃତିମୟୀ ବେହେରା**
କ୍ଲାସ-୮, ଏମ୍ ଏଲ୍ ଏ ନୋଡ଼ାଲ ହାଇ ସ୍କୁଲ, ଯାଜପୁର



# ଗିନିଜ୍ ୱାର୍ଲ୍ଡ ରେକର୍ଡ

## ସର୍ବକନିଷ୍ଠ ନାଟ୍ୟକାର




ପିଲାମାନେ ତୁମକୁ ନାଟକ ଦେଖିବାକୁ ଭଲ ଲାଗେ ନା। କେବେ ତୁମେମାନେ ତୁମ ସ୍କୁଲ୍ ଫଙ୍କସନ୍‌ରେ ନାଟକରେ ଅଭିନୟ କରିଛ କି? ତୁମମାନଙ୍କ ପରି କୃଷ୍ଣା ରାଓ୍ତ୍ ସର୍ବକନିଷ୍ଠ ନାଟ୍ୟକାର ଭାବରେ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ଦଶ ବର୍ଷ ବୟସରେ ସେ 'ଲଷ୍ଟ କି' ନାମକ ନାଟକ ନିଜେ ଲେଖିଥିଲେ ଏବଂ ସେଥିରେ ନିଖୁଣ ଭାବରେ ଅଭିନୟ ମଧ୍ୟ କରିଥିଲେ। ଏହି ନାଟକୁ ସେ ୬ମାସ ଧରି ଅଭ୍ୟାସ କରି ଆସୁଥିଲେ। ଜୟପୁରର କୃଷ୍ଣା ଏହି ନାଟକରେ ଚମତ୍କାର ଅଭିନୟ କରି ଗିନିଜ୍ ରେକର୍ଡ କରିଛନ୍ତି। କୃଷ୍ଣା ୪ବର୍ଷ ବୟସରୁ ବହି ପଢିବା ଆରମ୍ଭ କରିଥିଲେ। କୃଷ୍ଣାଙ୍କ ମାଆ ଶ୍ରେୟା କହିଛନ୍ତି, ସେ ଛୋଟବେଳୁ ବହି ପଢିବାକୁ ବହୁତ ଭଲ ପାଏ। ଖାସ୍ କରି କାଳ୍ପନିକ ବହି ସେ ବହୁତ ପଢେ। ତାର ପ୍ରିୟ ଲେଖକ ହେଉଛନ୍ତି ଜେ.କେ ରାଓଲିଙ୍ଗ୍ ଓ ଡାଭିଡ ୱାଲିୟମସ୍। ଆଠ ବର୍ଷ ବୟସରେ ସେ ଛୋଟ ଛୋଟ ଗପ ଲେଖିବା ଆରମ୍ଭ କରିଥିଲା। ମୁଁ ନାଟକରେ ଅଭିନୟ କରେ ତେଣୁ ତାକୁ ନାଟକ ଲେଖିବାକୁ ପ୍ରେରଣା ଦେଇଥିଲି। ଧୀରେ ଧୀରେ ସେ ନାଟକର କାହାଣୀ ଲେଖିବା ସହ ଅଭିନୟ ଓ ନାଟକକୁ ନିର୍ଦ୍ଦେଶନା ମଧ୍ୟ ଦେଇଥିଲା। ମୁଁ ସମସ୍ତ ଅଭିଭାବକଙ୍କୁ ଅନୁରୋଧ କରିବି ସେମାନେ ପିଲାମାନଙ୍କୁ ନାଟକରେ ଅଭିନୟ ଓ କାହାଣୀ ଲେଖିବା ପାଇଁ ଉତ୍ସାହିତ କରନ୍ତୁ।

## ଏଥରର



- ନୀରଜ ଚୋପ୍ରା କେଉଁ ଖେଳ ପାଇଁ ପ୍ରସିଦ୍ଧି ଲାଭ କରିଛନ୍ତି ?
- ମହିଳା ରିଲେ ରେସ୍‌ରେ କିଏ ସଫଳତା ଅର୍ଜନ କରିଛନ୍ତି ?
- ଡିସ୍‌କସ୍ ଥ୍ରୋ ପାଇଁ କିଏ ପ୍ରସିଦ୍ଧ ?
- ମେରୀ କମ୍ କେଉଁ ଖେଳରେ ସଫଳତା ପାଇଛନ୍ତି ?
- ଦୌଡ ରାଣୀ ଭାବେ କିଏ ପରିଚିତ ?

ଉ ତ ର

## ଗତଥରର

- ରେନ୍‌ଗଜ୍
- କ୍ଷୀରର ସାନ୍ଦ୍ରତା
- ଶରୀରର ତାପମାତ୍ରା ମାପିବା ପାଇଁ
- ଭୋଲ୍ଟମିଟର
- ସ୍ପିଡୋମିଟର





## ଆସ ଆମେ ଶିଖିବା

ଆସ ଆମେ ଶିଖିବା
ଧରଣୀ ଭଳି ସହଣୀ ସାଜି
ଆମରି ଯଶ ରଖିବା।
ଆସ ଆମେ ଶିଖିବା
ଆକାଶ ଭଳି ବିଶାଳ ମନେ
ହୃଦୟ ସବୁ ଜିତିବା।
ଆସ ଆମେ ଶିଖିବା
ପାଦପ ଭଳି ପରୋପକାରେ
ବନ୍ଧୁତା ଆମେ ଗଢିବା।
ଆସ ଆମେ ଶିଖିବା
ସୁମନ ଭଳି ମନକୁ ମୋହି
ମହକ ଚାଲ ବାଣ୍ଟିବା।
ଆସ ଆମେ ଶିଖିବା
ତପନ ଭଳି ଭେଦ ନ ରଖି
ସବୁରି ସାଥେ ମିଶିବା।
ଆସ ଆମେ ଶିଖିବା
ଆମରି ଯଶ ରଖିବା।

**-ମନୀଷା ପଣ୍ଡା ରୁଚିରା**
ଅଙ୍କାରାନ୍ତିପୁର, ସିନିମାଇ, ଗଦାସିଳା, ଢେଙ୍କାନାଳ

କ ବି ତା

## ଆସିଲାଣି ଖରା ମାଡ଼ି

ଦିନ ପରେ ଦିନ ବଢୁଛି ତାତି
ଶୋଇ ହେଉନାହିଁ ଦିନ କି ରାତି।
ବଡ଼ ବଡ଼ ଖରା ହେଉଛି ଟାଣ
ଲାଗଇ ସତେକି ଫଟକା ବାଣ।
ଗାଡ଼ିଆ ପୋଖରୀ ପାଣି ତାତିଲା
ପାଣିକି ଯିବନି ଜାଣରେ ପିଲା।
ବେଶୀ ଖରା ହେଲେ ବାହାର ନାହିଁ
ଏକଥା ସଭିଙ୍କୁ କୁହ ବୁଝାଇ।
ଜରୁରୀ ପଡ଼ିଲେ ଯିବ ପଦାକୁ
ଭୁଲିବନି ସାଥେ ଟୋପି ନବାକୁ।
ଖରାଦିନ ପାଇଁ ସାଥି ତୁମର
କହିଦେଲି ଆଜି ଏଇ ଗୁମର।
ଏହି କଥାଟିକୁ ମନେ ରଖିବ
ଅଂଶୁଘାତ ଠାରୁ ଦୂରରେ ଥିବ।

**-ଜୟନ୍ତ କୁମାର ମଲ୍ଲିକ୍**
ଶୁରଡିହ,ନନ୍ଦିପୁର, ଯାଜପୁର

## ମମତାମୟୀ ମାଆ

ଆମରି ମଙ୍ଗଳ ପାଇଁ ସିଏ ନିତି
ହଜାର ଉପାସ କରେ
ଆମରି ଓଠରେ ହସ ଦେଖିବାକୁ
ସାତସିନ୍ଧୁ ଡେଇଁପାରେ
ମମତାମୟୀ ସେ ମାଆ
ପୁଲକିତ ହୁଏ ଦେହ ଆଉ ପ୍ରାଣ
ଡାକିଦେଲେ ଧନ ଆ।।
ଆପେ ଆପେ ତାର ପେଟ ପୂରିଯାଏ
ଆମକୁ ଖୁଆଇ ଦେଲେ
ଅଝଟ ଆମର ସବୁ ସହିଯାଏ
କିଛି ଯଦି ଭୁଲ୍ କଲେ,
ନିଦ ମାଉସୀକୁ ଡାକି
ପିଠି ଥାପୁଡେଇ ଶୁଆଇ ଦିଏ ସେ
କୋଳରେ ମଥାକୁ ରଖି।।
କହିବା ଆଗରୁ ସବୁ ବୁଝିଯାଏ
ମାଗିବା ଆଗରୁ ଦିଏ
ଆୟୁଷର ଭିକ ଆମ ପାଇଁ ନିତି
ଠାକୁରଙ୍କୁ ମାଗୁଥାଏ
ଏମିତି କୁହୁକ ଛୁଆଁ
ଝୁଣ୍ଟି ପଡିଗଲେ ପାଟିରୁ ବାହାରେ
ଆପେ ଆପେ ତାର ନାଆଁ।।

**-ପ୍ରକାଶ କୁମାର ଚାନ୍ଦ**
ଜୟପୁର ଶାସନ, ପିପିଲି, ପୁରୀ



## କହିଲ ଦେଖି

(୧) ପୃଥିବୀ ନୁହେଁ ସେ ଗୋଅଲ ଗାଲ
ଉପର ସବୁଜ ଭିତର ଲାଲ୍
ଖରା ଦିନେ ବେଶି ଖୋଜ,
ମାମୁଁ ଯାଇଛନ୍ତି ଘରକୁ ଆଣିବେ
ଖାଇବାକୁ ହୁଅ ସଜ
କହିଲ ଦେଖି କି' ଚିଜ ?



ଉ- ତରଭୁଜ

(୨) ପେଣ୍ଡୁ ନୁହେଁ କିନ୍ତୁ ଗୋଅଲ, ଲମ୍ବା
ଗୋଳେଇ ପିଇଲେ ମନକୁ ଚମ୍ପା
ଗୁଡ଼ ଦହି ସାଥେ ଚକଟି ପିଅ
ଅଠା ମଞ୍ଜି ସବୁ ପକେଇ ଦିଅ
ବଡଗଛ ଝୁଣି ଆଣ,
କହିଲ ଏ ଫଳ କଣ ?



ଉ- ବେଲ

(୩) କଞ୍ଚାରେ ଟାଣୁଆ ସବୁଜ ରଙ୍ଗ
ପାଚିଗଲେ ନଡପଡ,
ଫଳ ଭିତରେ ଏ ରାଜା ବୋଲାଉଛି
ଖାଇ ମନବୋଧ ଚିତ୍ତ।
ଛେଚା, ଖଟା, ଫଳରସ
ଖରା ଦିନ ଫଳ ନାମଟି କହନ୍ତୁ
ଖାଇବ ଯଦି ଆସ।



ଉ- ଆମ୍ବ

**-କବିଜ୍ୟୋତି ନିରଞ୍ଜନ ପତି**
ଗାନ୍ଧୀ ମାର୍ଗ, ଅନୁଗୋଳ
ମୋ- ୯୯୩୮୧୩୩୫୯



**ପୃଥିବୀର ମାରାତ୍ମକ ପିମ୍ପୁଡ଼ି:** ଅଷ୍ଟ୍ରେଲିଆର ସମୁଦ୍ରତଟବର୍ତ୍ତୀ ଅଞ୍ଚଳରେ ବୁଲ୍ ଡଗ୍ ଆଣ୍ଟ ଦେଖାଯାଆନ୍ତି। ଏମାନେ ବୁଲ୍ ଡଗ୍ ଓ ଜ୍ୟାକ୍ ଜମ୍ପର୍ସ ନାମରେ ମଧ୍ୟ ପରିଚିତ। ଏମାନଙ୍କୁ ପୃଥିବୀର ମାରାତ୍ମକ ପିମ୍ପୁଡ଼ି ଭାବରେ ଗଣାଯାଏ। ଏମାନଙ୍କର ବସା କାହାଦ୍ୱାରା ନଷ୍ଟ ହୋଇଗଲେ ଏମାନେ ଶତ୍ରୁଆଡକୁ ଲମ୍ଫଡିଆଁ ମାରନ୍ତି। ଶିକାର ସମୟରେ ଏମାନେ ନିଜ ଶୁଣ୍ଡ ବ୍ୟବହାର କରନ୍ତି ଓ ସମ୍ଭାଲୋକକୁ ଆକ୍ରମଣ କରି ପାରାଲାଇଜ୍ କରିଦିଅନ୍ତି। ବେଳେବେଳେ ଏମାନଙ୍କର ଦଂଶନ ଦ୍ୱାରା ମଣିଷଙ୍କର ମୃତ୍ୟୁ ବି ହୋଇଥାଏ।

## ଚକୋଲେଟ୍ ଏକ ଫଳ

ପିଲାଏ ଜାଣିଛ କି ଚକୋଲେଟ୍‌କୁ ଫଳ ଭାବରେ ଗଣାଯାଏ। ଏହା କୋକୋ ଗଛର ଫଳରୁ ପ୍ରସ୍ତୁତ ହୋଇଥାଏ। ଏହାର ୬୦୦ପ୍ରକାର ଫ୍ଲେଭର୍ ଅଛି। ଏକ ପାଉଣ୍ଡ ଚକୋଲେଟ୍ ପ୍ରସ୍ତୁତ କରିବା ପାଇଁ ୪୦୦କୋକୋ ବିନ୍ ଲାଗିଥାଏ। ସ୍ୱିଜରଲାଣ୍ଡର ଅଧିବାସୀ ଅଧିକ ଚକୋଲେଟ୍ ଖାଇଥାନ୍ତି। ବିଶ୍ୱର ସବୁଠାରୁ ପପୁଲାର ଚକୋଲେଟ୍ ହେଉଛି କ୍ୟାଡ୍‌ବରୀ ଡେରୀମିଲ୍କ।






## ସର୍ବଭୋଜୀ ଚିଙ୍ଗୁଡ଼ି

ତୁମେମାନେ ଜାଣିଛ କି, ପୃଥିବୀରେ ପ୍ରାୟ ୨,୦୦୦ ପ୍ରଜାତିର ଚିଙ୍ଗୁଡ଼ି ଦେଖିବାକୁ ମିଳନ୍ତି। ଏମାନେ ଉଭୟ ଆଗକୁ ଏବଂ ପଛକୁ ଭଲ ଭାବେ ପହଁରିପାରନ୍ତି। ବେଳେବେଳେ ଏମାନେ ଜୋର୍ ଶବ୍ଦ ମଧ୍ୟ କରନ୍ତି। ଏମାନେ ସର୍ବଭୋଜୀ ହୋଇଥା'ନ୍ତି। କେତେବେଳେ ଛୋଟ ଛୋଟ ଉଦ୍ଭିଦ ଖାଇଥାନ୍ତି ତ ଆଉ କେତେବେଳେ ପାଣିରେ ଥିବା ଛୋଟ ଜୀବମାନଙ୍କୁ ଖାଇଥାନ୍ତି।



## ପିଆଜ କାଟିଲେ କାହିଁକି ବାହାରେ ଲୁହ

ଓନିଅନ୍ ବା ପିଆଜ ଶବ୍ଦଟି ଲାଟିନ୍ ଶବ୍ଦ 'ୟୁନିଓ'ରୁ ଆସିଛି। ଏହା ହଳଦିଆ, ବାଇଗଣୀ ଓ ଧଳା ରଙ୍ଗର ଦେଖାଯାଏ। ପିଆଜ କାଟିବା ବେଳେ ସେଥିରୁ ପ୍ରୋପାନେଥିଆଲ୍ ଏସ୍-ଅକ୍ସାଇଡ୍ ନାମକ ଏକ ଗ୍ୟାସ୍ ନିର୍ଗତ ହୁଏ। ଯାହା ଆମ ଆଖି ସଂସ୍ପର୍ଶରେ ଆସେ ଏବଂ ସଲ୍‌ଫ୍ୟୁରିକ୍ ଏସିଡ୍‌ରେ ରୂପାନ୍ତରିତ ହୋଇଥାଏ, ଯାହା ଦ୍ୱାରା ଆମ ଆଖିରୁ ଲୁହ ବାହାରେ।



## ଇନ୍ଦିରା ଗାନ୍ଧୀ ମେମୋରିଆଲ୍ ଟୁଲିପ୍ ଗାର୍ଡେନ

ଜମ୍ମୁ ଓ କାଶ୍ମୀରର ସିରାଜ୍ ବାଘ୍‌ରେ ଥିବା ଇନ୍ଦିରା ଗାନ୍ଧୀ ମେମୋରିଆଲ୍ ଟୁଲିପ୍ ଗାର୍ଡେନ ହେଉଛି ଏସିଆ ମହାଦେଶର ସବୁଠୁ ବଡ଼ ଗାର୍ଡେନ। ୧୨ ହେକ୍ଟର ପରିମିତ ସ୍ଥାନରେ ନିର୍ମିତ ଏହି ଗାର୍ଡେନ୍‌ରେ ପ୍ରାୟ ୭୦ ପ୍ରକାରର ଟୁଲିପ୍ ଏବଂ ବିଭିନ୍ନ ପ୍ରକାରର ଗୋଲାପ ଗଛ ମଧ୍ୟ ରହିଛି। ଡାଲ୍ ହ୍ରଦ ଏଠାରେ ଥିବାରୁ ଏହାର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ଏଠାରେ ସବୁବେଳେ ପର୍ଯ୍ୟଟକଙ୍କ ଭିଡ଼ ଜମେ।

# ଆ
# ଇ
# ନା

ଅନିଷ୍କା ପଟ୍ଟନାୟକ
୫ ବର୍ଷ / ତାଳଚେର





ଅର୍ପିତା ସ୍ୱାଇଁ
୧୪ ବର୍ଷ/ଭୁବନେଶ୍ୱର



ସିଦ୍ଧି ସମୃଦ୍ଧି
୯ ବର୍ଷ / ରାଉରକେଲା